## ବାଇଶିପାଲି ପ୍ରଗଣାର ବାର୍ଷିକ ସଭା



କିଶୋରନଗର,୧୭।୫(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଅନ୍ତର୍ଗତ ସୂର୍ଯ୍ୟବଂଶୀ ଗଙ୍ଗାକୁଳ ରଜକ ସମାଜ ପକ୍ଷରୁ ବାର୍ଷିକ ସାଧାରଣ ସଭା ରାଣୀଭୂଇଁ ଆମ୍ବତୋଟା ଠାରେ ଅନୁଷ୍ଠିତ ହୋଇଯାଇଛି। ସମାଜର ରୀତିନୀତି ଅନୁସାରେ ଚଳିବା, ସମାଜ ସଂଗଠନ ଆଗକୁ ବଢେଇବା, ନିଜ ନିଜ ଭିତରେ ସୁସମ୍ପର୍କ, ସ୍ୱାସ୍ଥ୍ୟ, ଶିକ୍ଷା, ରୋଜଗାରକ୍ଷମ ହେବା, ସାମାଜିକ ମାମଲା ସମାଧାନ କରିଥିଲେ। ଏହି ସଭା ପ୍ରଗଣା ସଭାପତି ଜଗମୋହନ ସେଠି, ସମ୍ପାଦକ ଅକ୍ରୁର ସେଠିଙ୍କ ନେତୃତ୍ୱରେ ଉପଦେଷ୍ଟା ବଂଶୀଧର ସେଠି, କାହ୍ନୁ ସେଠୀ, ଗୋକୁଳାନନ୍ଦ ସେଠୀ, ପୂର୍ଣ୍ଣଚନ୍ଦ୍ର ସେଠୀ ଓ ସତର ପୁଞ୍ଜର ସଭାପତି, ସମ୍ପାଦକ ଏବଂ ୩ ଶହ ସଭ୍ୟ ଯୋଗଦେଇ ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ।

## ତାଳଚେର ଥାନାରେ ନୂତନ ଅଧିକାରୀ



ତାଳଚେର,୧୭।୫(ସମିସ): ତାଳଚେର ଥାନାରୁ ଦିଗବିଜୟ ବିଶ୍ୱାଳଙ୍କର ଛେଣ୍ଡିପଦାକୁ ବଦଳି ପରେ ଏଠାକୁ ନୂତନ ଭାବେ ସେହି ଛେଣ୍ଡିପଦା ଥାନାରୁ ବିଭୂଦତ୍ତ ରାଉତରାଏ ଆସିଛନ୍ତି। ଶ୍ରୀ ବିଶ୍ୱାଳ ରାଉତରାଏଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ଆଗାମୀ ଦିନରେ ତାଳଚେର ଅଂଚଳ କିଭଳି ଭାବେ ଶାନ୍ତିଶୃଙ୍ଖଳା, ବ୍ରାଉନସୁଗାର ମୁକ୍ତ ଏବଂ ଅପରାଧମୁକ୍ତ ଅଞ୍ଚଳ ହେବ ସେ ଉପରେ ଗୁରୁତ୍ୱ ଦେବେ ବୋଲି ନୂତନ ଅଧିକାରୀ ଶ୍ରୀ ରାଉତରାଏ ପ୍ରକାଶ କରିଛନ୍ତି।

## ନାଲ୍‌କୋ ପକ୍ଷରୁ ଦିବ୍ୟାଙ୍ଗଙ୍କୁ ସହାୟକ ଉପକରଣ ବଣ୍ଟନ

ଅନୁଗୋଳ,୧୭।୫(ସମିସ): ନବରତ୍ନ କମ୍ପାନୀ ନାଲ୍‌କୋ ପକ୍ଷରୁ ଦିବ୍ୟାଙ୍ଗମାନଙ୍କ ପାଇଁ ଏକ ବୃହତ୍ ସହାୟକ ଉପକରଣ ବଣ୍ଟନ ଶିବିର ଆୟୋଜିତ ହୋଇଥିଲା। ଭାରତୀୟ କୃତ୍ରିମ ଅଙ୍ଗ ଉତ୍ପାଦନ ନିଗମଙ୍କ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏସ୍ ଆଣ୍ଡ ପି କମ୍ପ୍ଲେକ୍ସ



ପାରିପାର୍ଶ୍ୱିକ ଗ୍ରାମର ୧୪୫ ଜଣ ଦିବ୍ୟାଙ୍ଗଙ୍କୁ ୨୨୦ଟି ସହାୟକ ଯନ୍ତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଏସ୍ ଆଣ୍ଡ ପି କମ୍ପ୍ଲେକ୍ସର ନିର୍ବାହୀ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପକରଣ ବଣ୍ଟନ କରିଥିଲେ। ମାନବ ସମ୍ବଳ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ହିମାଂଶୁ ଶେଖର ପ୍ରଧାନ ଓ ସିଏସଆର୍, ନାଲକୋ ଫାଉଣ୍ଡେସନ ବିଭାଗର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାମାଜିକ ସୁବିଧାରୁ ବଞ୍ଚିତ ଦିବ୍ୟାଙ୍ଗମାନଙ୍କୁ ସଶକ୍ତ ଓ ଆତ୍ମନିର୍ଭରଶୀଳ କରିବା ଲକ୍ଷ୍ୟରେ ନାଲ୍‌କୋର ଏହି ପଦକ୍ଷେପକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି।

### ଫାଇନାନ୍ସ କର୍ମଚାରୀଙ୍କ ଠାରୁ ଲୁଟ୍ ଘଟଣାର ପର୍ଦ୍ଦାଫାସ୍

# ୫ ଗିରଫ; ୧୪ ଲକ୍ଷ ୮୫ ହଜାର ଟଙ୍କା ଉଦ୍ଧାର





ଅନୁଗୋଳ,୧୭।୫(ସମିସ):

ସିଏମ୍ଏସ୍ ଇନ୍‌ଫୋ ସିଷ୍ଟମ୍ସ କର୍ମଚାରୀଙ୍କଠାରୁ ସଶସ୍ତ୍ର ଡକାୟତି ଘଟଣାରେ ବଅଁରପାଳ ପୁଲିସ ୪ଜଣ ପେଷାଦାର ଡକାୟତଙ୍କ ସମେତ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଡକାୟତି ପାଇଁ ସୂଚନା ଦେଇଥିବା ଅନ୍ୟତମ ସହଯୋଗୀ ଫେରାର ଅଛନ୍ତି। ଗିରଫମାନେ ହେଲେ ବଅଁରପାଳ ଥାନା ଭାଗବତପୁର ଗାଁର ଲକ୍ଷ୍ମୀଧର ପରିଡ଼ାଙ୍କ ପୁଅ ରାଜେନ୍ଦ୍ର ପରିଡା ଓରଫ ରାଜୁ (୨୫) ଏବଂ ନରେନ୍ଦ୍ର ପରିଡାଙ୍କ ପୁଅ ଡାକ୍ତର ପରିଡା ଓରଫ ଡାକା (୨୭), କୁସୁଣା ଗାଁର ଭୁବନ ନାଏକଙ୍କ ପୁଅ ସୁଜିତ କୁମାର ନାଏକ (୨୬) ଏବଂ ସଞ୍ଜୟ ନାଏକଙ୍କ ପୁଅ ରୁଦ୍ର ନାରାୟଣ ନାଏକ (୨୨)। ଏମାନଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଏକାଧିକ ଅପରାଧୀକ ମାମଲା ରହିଛି। ତାଳମୂଳ ଶାସନ ଗାଁର ପ୍ରଭାକର ସେଠୀଙ୍କ ପୁଅ ସଚିନ ସେଠି (୨୨)ଙ୍କ ସମେତ ୫ ଜଣଙ୍କୁ ପୁଲିସ ଗିରଫ କରିଛି। ଗିରଫ ୫ ଅଭିଯୁକ୍ତଙ୍କ ଠାରୁ ଲୁଟ୍ ଯାଇଥିବା ୧୪ଲକ୍ଷ ୮୫ ହଜାର ଉଦ୍ଧାର କରାଯାଇଛି ଏବଂ ବ୍ୟବହାର କରିଥିବା ମାରଣାସ୍ତ୍ର ଓ ଦୁଇ ବାଇକ୍ ଜବତ କରାଯାଇଛି ବୋଲି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅନୁଗୋଳ ଏସ୍‌ପି ରାହୁଲ ଜୈନ ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅନୁଗୋଳ ଏସ୍‌ଡିପିଓ ରମାକାନ୍ତ ମହାଳିକ, ବଅଁରପାଳ ଆଇଆଇସି ଦୁଷ୍ମନ୍ତ ସିଂହ, ଏସ୍ଆଇ ଅମିତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

**● ବ୍ୟବହୃତ ମାରଣାସ୍ତ୍ର ଓ ୨ ବାଇକ୍ ଜବତ**
**● ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଲେ ଏସ୍‌ପି**

ପୁଲିସ ସୂଚନା ମୁତାବକ, ଗତ ୧୧ ମେ'ରେ, ସିଏମ୍ଏସ୍ ଇନଫୋ ସିଷ୍ଟମ୍ସ ଲିମିଟେଡ୍‌ର ଜଣେ କର୍ମଚାରୀ ପାପୁନ ପୋଇ ବିଭିନ୍ନ ପ୍ରତିଷ୍ଠାନରୁ ନଗଦ ଟଙ୍କା ସଂଗ୍ରହ କରି ନିର୍ଦ୍ଦିଷ୍ଟ ବ୍ୟାଙ୍କରେ ଜମା କରିବାକୁ ଯାଉଥିଲେ। ସେହିଦିନ ସେ ଇନଷ୍ଟାକାର୍ଟ ବଲହର, ବୁଢାପଙ୍କ ରେଳ ଷ୍ଟେସନ, ଫ୍ଲିପକାର୍ଟ ମେରାମଣ୍ଡଳି, ରିଲାଏନ୍ସ ପେଟ୍ରୋଲ ପମ୍ପ ବଅଁରପାଳ, ଇନଷ୍ଟାକାର୍ଟ ବଅଁରପାଳ ଏବଂ ମନ୍ନପୁରମ ଫାଇନାନ୍ସ ବଅଁରପାଳରୁ ନଗଦ ଟଙ୍କା ସଂଗ୍ରହ କରିଥିଲେ। ମୋଟ ୧୫ଲକ୍ଷ ୮୪ହଜାର ୩୮୫ ଟଙ୍କା ଧରି ଆସୁଥିଲେ। ତାଳଚେରର ଏସ୍‌ବିଆଇ, ଆଇଡିବିଆ୍ ଏବଂ ବ୍ୟାଙ୍କ ଅଫ୍ ବରୋଦା ଶାଖାରେ ଜମା କରିବାକୁ ଏହି ଟଙ୍କା ଉଦ୍ଦିଷ୍ଟ ଥିଲା। ପ୍ରାୟ ୧୨.୩୦ରେ ପାପୁନ ନାରାୟଣଚନ୍ଦ୍ରପୁର-ସାଲାଗାଡ଼ିଆ ରୋଡ୍ ଦେଇ ତାଳଚେର ରୋଡ୍ ରେଳଷ୍ଟେସନ ଅଭିମୁଖେ ଯାଉଥିବାବେଳେ ଶାଳଗାଡ଼ିଆ ଛକ ନିକଟରେ ଦୁଇଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଜବରଦସ୍ତ ଟଙ୍କା ବ୍ୟାଗ ଛଡ଼ାଇ ନେଇ ତାଙ୍କୁ ତଳେ ପକାଇ ନିର୍ଦ୍ଦୁମ୍ ମାଡ଼ ମାରିଥିଲେ।

ଏନେଇ ପାପୁନ ବଅଁରପାଳ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରିଥିଲା। ଏସ୍‌ପି ଶ୍ରୀ ଜୈନଙ୍କ ମାର୍ଗଦର୍ଶନରେ ବଅଁରପାଳ ଆଇଆଇସି ଦୁଷ୍ମନ୍ତ କୁମାର ସିଂହଙ୍କ ନିର୍ଦ୍ଦେଶରେ ଏସ୍ଆଇ ଅମିତ କୁମାର ମିଶ୍ରଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ଦୁଇଟି ଟିମ୍ ଗଠନ କରି ସାଇବର ସହାୟତାରେ ତଦନ୍ତ କରି ଘଟଣାର ୬ ଦିନରେ ପୁଲିସ ୫ ଅଭିଯୁକ୍ତକୁ ଗିରଫ କରିଛି। ଅଭିଯୁକ୍ତମାନେ ସମ୍ପୂର୍ଣ୍ଣ ଅପରାଧୀକ ଷଡ଼ଯନ୍ତ୍ରର ଖୁଲାସା ପୁଲିସ ନିକଟରେ କରିଥିଲେ।

ସେମାନେ କହିଥିଲେ ଯେ, ଗ୍ୟାଙ୍ଗ ଦୁଇଟି ଦଳରେ କାମ କରୁଥିଲା। ରାଜୁ ଏବଂ ସୁଜିତ ଏକ ବାଇକ୍‌ରେ ଏବଂ ସଚିନ ସେଠି ଏବଂ ରୁଦ୍ର ନାରାୟଣ ଅନ୍ୟଏକ ବାଇକ୍‌ରେ, ଡାକ୍ତର ପରିଡ଼ା ବଅଁରପାଳ ଛକରେ ଜଗୁଆଳି ଭାବରେ ନିୟୋଜିତ ଥିଲେ। ସମଗ୍ର ଅପରେସନ ସମୟରେ ଗ୍ୟାଙ୍ଗ ସଦସ୍ୟମାନଙ୍କ ମଧ୍ୟରେ ହ୍ୱାଟ୍ସଆପ୍ ଏବଂ ଫୋନ୍ କଲ୍ ମାଧ୍ୟମରେ ଯୋଗାଯୋଗ ବଜାୟ ରହିଥିଲା। ଡକାୟତି କରିବା ପରେ, ଦଳଟି ଭାଗବତପୁର ଗ୍ରାମ ଛକରେ ଏକତ୍ରିତ ହୋଇ ଲୁଟ୍ ଟଙ୍କା ବାଣ୍ଟି ନେଇଥିଲେ। ଫଳରେ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କଠାରୁ ଚୋରି ଟଙ୍କା ଉଦ୍ଧାର କରାଯାଇଥିଲା। ଅଭିଯୁକ୍ତ କାହ୍ନା ପରିଡ଼ା ଯିଏ ସୂଚନାଦାତା ଭାବରେ କାର୍ଯ୍ୟ କରିଥିଲେ ଏବଂ ଲୁଟ ହୋଇଥିବା ଟଙ୍କାର ଏକ ଅଂଶ ପାଇଥିଲେ। ସେ ବର୍ତ୍ତମାନ ଫେରାର ଅଛନ୍ତି ଏବଂ ତାଙ୍କୁ ଖୋଜା ଚାଲିଥିବା ପୁଲିସ ସୂଚନା ଦେଇଛି।

## ବାର୍‌ହା ଆକ୍ରମଣରେ ବୃଦ୍ଧ ଆହତ

ଅନୁଗୋଳ,୧୭।୫(ସମିସ): ଜଙ୍ଗଲ ଛାଡ଼ି ଜନବସତି ଅଂଚଳରେ ଗତ କିଛିବର୍ଷ ହେଲାଣି ନାଲ୍‌କୋ ଆଖପାଖ ବନ୍ଧା, ତୁଳସୀପାଳ, କାଣ୍ଡସର, ତୁରଙ୍ଗ ଅଂଚଳରେ ହାତୀ ଆତଙ୍କରେ ଲୋକେ ତ୍ରାହି ତ୍ରାହି ଡାକୁଥିବା ବେଳେ ଚଳିତ ମାସରେ ନାଲକୋ, ବଅଁରପାଳ ଥାନା ଅଂଚଳରେ ହାତୀ ଆକ୍ରମଣରେ ୪ ଜଣ ପ୍ରାଣ ହରାଇଥିଲେ। ରବିବାର ପୁଣି ନାଲ୍‌କୋ ଅଞ୍ଚଳରେ ବାର୍‌ହା ଆତଙ୍କ ଦେଖିବାକୁ ମିଳିଛି। ଗତ ରବିବାର ଏକ ଦନ୍ତା ହାତୀ ଅନୁଗୋଳ ସହରରେ ପଶି ଆତଙ୍କ କରିଥିଲା, ଆଜି ପୁଣି ସେହି ରବିବାରରେ ନାଲ୍‌କୋ ନଗର ନିକଟରେ ବାର୍‌ହା ଆତଙ୍କ ନେଇ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ମାତ୍ର ସବୁ ଦେଖି ବନବିଭାଗ ଚୁପ୍ ରହିବା ଅସନ୍ତୋଷ ବଢ଼ାଉଛି।



**ଟ୍ରାଙ୍କୁଲାଇଜ୍ କରି କାବୁ କଲା ବନ ବିଭାଗ**

ରବିବାର ସକାଳେ କାଣ୍ଡସର ସାଇନଗର ନିବାସୀ ଗିରିଶ ଚନ୍ଦ୍ର ବାରିକ (୬୦) ବାର୍‌ହା ଆକ୍ରମଣରେ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଯେ, ଆଜି ସକାଳେ ଜଙ୍ଗଲରୁ ବାର୍‌ହା ଆସି ଗାଁ ରାସ୍ତା ବୁଲୁଥିବାବେଳେ ଦୁଇଜଣଙ୍କୁ ଆକ୍ରମଣ କରି ଗିରିଶଙ୍କ ଘରପଛ ବାଡ଼ି ଭିତରକୁ ପଶି ଯାଇଥିଲା। ଘୁଷୁରୀ ଭାବି ବାର୍‌ହାକୁ ତଡ଼ିବାକୁ ଗିରିଶ ଚେଷ୍ଟା କରୁଥିବା ବେଳେ ତାଙ୍କୁ ଆକ୍ରମଣ କରିଥିଲା। ଗିରିଶଙ୍କ ଦୁଇ ଗୋଡ଼କୁ କାମୁଡି ଗୁରୁତର କରିଥିଲା। ତାଙ୍କ ଚିତ୍କାର ଶୁଣି ବୋହୂ ଦୌଡ଼ି ଆସି ବାର୍‌ହାକୁ ଟେକା ଫୋପାଡ଼ି ଶଶୁରଙ୍କୁ ଉଦ୍ଧାର କରିଥିଲେ। ପରେ ପରିବାର ଲୋକେ ତାଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଆକ୍ରମଣ ପରେ ମଧ୍ୟ ବାର୍‌ହା ସେହି ସ୍ଥାନରେ ରହିଥିଲା। ଖବରପାଇ ବନ ବିଭାଗ କର୍ମଚାରୀ, ବନ୍ୟପ୍ରାଣୀ ଉଦ୍ଧାରକାରୀ ଟିମ୍ ପହଞ୍ଚିଥିଲେ। ପ୍ରାୟ ତିନି ଘଣ୍ଟା ଉଦ୍ୟମ ପରେ ଟ୍ରାଙ୍କୁଲାଇଜ୍ କରି ବାର୍‌ହାଟିକୁ କାବୁ କରିଥିଲେ। କୁଲାସିଂହା ଭେଟନାରୀ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନିଆଯାଇଛି ବୋଲି ସୂଚନା ଦେଇଛି ବନବିଭାଗ।

## ଆନ୍ତର୍ଜାତିକ ଆର୍ଟ ଅଫ୍ ଗିଭିଂ ଦିବସ



ଢେଙ୍କାନାଳ,୧୭।୫(ସମିସ): ସ୍ଥାନୀୟ ପୁରୁଣା ଜିଲ୍ଲା ପରିଷଦ ହଲ୍‌ରେ ୧୩ତମ ଆନ୍ତର୍ଜାତିକ ଆର୍ଟ ଅଫ୍ ଗିଭିଂ ଦିବସ ପାଳିତ ହୋଇଯାଇଛି। ସାମ୍ବାଦିକ ଅଥୟ କୁମାର ସାହୁଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ସୁଶାନ୍ତ କୁମାର ପାଣି ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ମୁଖ୍ୟବକ୍ତା ଭାବେ ଜିଲ୍ଲା ଓକିଲ ସଂଘ ସଭାପତି ଗୋପାଳ ପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଆର୍ଟ ଅଫ୍ ଗିଭିଂ ଏକ ଜୀବନ ଦର୍ଶନ। ନିଃସ୍ୱାର୍ଥପର ଭାବେ ଦାନ, ସାହାଯ୍ୟ ଓ ସହଯୋଗ କଲେ ଆର୍ଟ ଅଫ୍ ଗିଭିଂର ପ୍ରକୃତ ଉଦ୍ଦେଶ୍ୟ ସଫଳ ହୋଇପାରିବ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଶିଳ୍ପୀ ପରେଶ ପଟ୍ଟନାୟକ, ସମାଜସେବୀ ସୁକାନ୍ତ ମିଶ୍ର, ଶିକ୍ଷାବିତ୍ ତଥା ଅଧ୍ୟକ୍ଷ ଡ.ସମୀର ସାହୁ, ପ୍ରାକ୍ତନ ସାହିତ୍ୟ ଏକାଡ଼େମୀ ସଦସ୍ୟା ତଥା ଅଧ୍ୟାପିକା ଡ. ପୁଷ୍ପଲତା ରଥ, କଳା ସଂସ୍କୃତି ସଂଘ ଉପସଭାପତି ଅବନୀ ମିଶ୍ର, ବ୍ୟଙ୍ଗ କବି ଶତ୍ରୁଘ୍ନ ମାଟି, ବିଶ୍ୱନାଥ ବେହେରା, ଜିଲ୍ଲା ସାମ୍ବାଦିକ ସଂଘ ସମ୍ପାଦକ ସତ୍ୟସ୍ୱରୂପ ଦାସ, କବି ନିର୍ମଳା ମହାପାତ୍ର, ରାଜ୍ୟ ପୁରସ୍କାରପ୍ରାପ୍ତ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସର ଢେଙ୍କାନାଳ ଜିଲ୍ଲା ସଂଯୋଜକ ଡା. ଦେବୀ ପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇ ଆର୍ଟ ଅଫ୍ ଗିଭିଂର ଲକ୍ଷ୍ୟ ଓ ନିଜ କ୍ଷମତା ଅନୁସାରେ ଅନ୍ୟକୁ ସାହାଯ୍ୟ ଓ ସହଯୋଗ କଲେ ସମାଜର କଲ୍ୟାଣ ହୋଇପାରିବ ବୋଲି କହିଥିଲେ। ପ୍ରାରମ୍ଭରେ କିଟ୍ ଅନୁଷ୍ଠାନର ଡେପୁଟି ମ୍ୟାନେଜର ମାନସ ମିଶ୍ର ଆର୍ଟ ଅଫ୍ ଗିଭିଂ ଦିବସର ମହତ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ୨୦୧୩ ମସିହାରୁ ବିଶ୍ୱବ୍ୟାପୀ ଏହି ଦିବସ ଓ ଆର୍ଟ ଅଫ୍ ଗିଭିଂ ପ୍ରୟାସ ବିଶିଷ୍ଟ ଶିକ୍ଷାବିତ୍ ଓ ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଆରମ୍ଭ ହୋଇ ଆଜି ବିଶ୍ୱସାରା ୧୩ତମ ଆନ୍ତର୍ଜାତୀୟ ଆର୍ଟ ଅଫ୍ ଗିଭିଂ ପାଳିତ ହେଉଛି। ଏଥିପାଇଁ ପ୍ରତିବର୍ଷ ବିଭିନ୍ନ ବିଷୟବସ୍ତୁ ରଖାଯାଇ ଏହାକୁ ପାଳନ କରାଯାଇଥିବା ବେଳେ ଚଳିତ ବର୍ଷର ଆର୍ଟ ଅଫ୍ ଗିଭିଙ୍ଗ୍ ର ବିଷୟବସ୍ତୁ "ସ୍ୱେଚ୍ଛାସେବା ମାଧ୍ୟମରେ ଚମକାଇବା ପାଇଁ ସେୟାର କରନ୍ତୁ'। ଦୟା, ଯତ୍ନ ଏବଂ ସଂପର୍କର ଛୋଟ ଛୋଟ କାର୍ଯ୍ୟ ସ୍ୱେଚ୍ଛାସେବା ମାଧ୍ୟମରେ ଚମକାଇବା ପାଇଁ ସେୟାର କରନ୍ତୁ। ସାମ୍ବାଦିକ ଅଥୟ କୁମାର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ ଓ ସୁଶାନ୍ତ ପାଣି ସଭା ସଂଯୋଜନା କରିଥିଲେ। ପ୍ରାରମ୍ଭରେ ଆର୍ଟ ଅଫ୍ ଗିଭିଂ ସମ୍ପର୍କରେ ଏକ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶନ, ଆର୍ଟ ଅଫ୍ ଗିଭିଂ ଲୋଗୋ ଉନ୍ମୋଚନ ଓ ପରିଶେଷରେ ବର୍ଣ୍ଣାଢ଼୍ୟ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯକ୍ରମରେ ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ, ଶିକ୍ଷାବିତ୍ ଡ଼ା.ଦେବୀ ପ୍ରସାଦ ମିଶ୍ର, କାଦମ୍ବରୀ ମହାଖୁଡ, ସତ୍ୟନାରାୟଣ ବେହେରା, କାକଳୀ ମହାଖୁଡ, କାଦମ୍ବିନୀ ମହାଖୁଡ, ସ୍ମୃତି ରଞ୍ଜନ ନାୟକ, ସଞ୍ଜୟ କୁମାର ବେହେରା ପ୍ରମୁଖ ମଂଚାସୀନ ହୋଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ କିଟ୍‌ର ବରିଷ୍ଠ ପ୍ରଶାସନିକ ଅଧିକାରୀ ମାନସ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଢେଙ୍କାନାଳ ଜିଲ୍ଲାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନ ଏଥିରେ ବହୁସଂଖ୍ୟାରେ ଯୋଗଦାନ କରିଥିଲେ। ପ୍ରକାଶ ଥାଉକି ଏହି ଆର୍ଟ ଅଫ୍ ଗିଭିଂ ଦିବସ ପାଳନ ଉପଲକ୍ଷେ ଢେଙ୍କାନାଳ ଜିଲ୍ଲାର ପ୍ରତିଟି ବ୍ଲକ୍‌ରେ ଏହି ଉପଲକ୍ଷେ ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ୍ ମ୍ୟାଚ୍ ମଧ୍ୟ କରାଯାଇଥିଲା। କିଟ୍ ଓ କିସ୍ ଅନୁଷ୍ଠାନର ବହୁ କର୍ମଚାରୀ, ଜିଲ୍ଲା ଆର୍ଟ ଅଫ୍ ଗିଭିଂ ଶାଖାର, ମୋ ଢେଙ୍କାନାଳର ତଥା ଗୁରୁଦେବଜୀ ଫାଉଣ୍ଡେସନ୍‌ର ପ୍ରମୁଖ ସ୍ୱେଚ୍ଛାସେବୀ ଇଂ.ସୌମ୍ୟବ୍ରତ ସାହୁ, କାଦମ୍ବରୀ ମହାଖୁଡ, ସତ୍ୟନାରାୟଣ ବେହେରା, କାକଳୀ ମହାଖୁଡ, କାଦମ୍ବିନୀ ମହାଖୁଡ, ସ୍ମୃତି ରଞ୍ଜନ ନାୟକ, ସଞ୍ଜୟ କୁମାର ବେହେରା ପ୍ରମୁଖ ଅନେକ ସହଯୋଗୀ ଭାବରେ ଯୋଗଦାନ କରି କାର୍ଯ୍ୟକ୍ରମର ସଫଳ ରୂପାୟନରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ।

## ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

କିଶୋରନଗର,୧୭।୫(ସମିସ): କିଶୋରନଗର ଥାନା ରଣିଆକଟା ପଞ୍ଚାୟତ ରାଇବାହାଳ ଗାଁର ବିପିନ ନାୟକ ଓରଫ୍ ଛୋଟୁ (୨୬)ଙ୍କ ବାଇକ୍ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ବାଇକ୍ ଯୋଗେ ରବିବାର ଅପରାହ୍ନରେ ମାନଯୋରରୁ ନିଜ ଘର ରାଇବାହାଳକୁ ଫେରୁଥିବା ବେଳେ ବଙ୍କୁଆଳ ଠାରେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ବାମୁର ଦମକଳ ବାହିନୀ ଯୁବକଙ୍କୁ ଉଦ୍ଧାର କରି କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ବିପିନ କସ୍ତୁରୀବାହାଳ ଦଣ୍ଡ ପାର୍ଟିରେ ହାଡ଼ି ଭୂମିକାରେ ଅଭିନୟ କରି ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ବିୟୋଗ ଖବର ପାଇ ଦଣ୍ଡପାର୍ଟିର କର୍ମକର୍ତ୍ତା ଗଭୀର ଶୋକ ପ୍ରକାଶ କରିଛନ୍ତି।

## ବିଜୁ ଜନତା ଦଳର ସାଙ୍ଗଠନିକ ବୈଠକ

ଖମାର,୧୭।୫(ସମିସ): ଆଜି ପାଲଲହଡା ନିର୍ବାଚନ ମଣ୍ଡଳୀ ବଡ଼ସଡା ଗ୍ରାମ ପଞ୍ଚାୟତରେ ବିଜୁ ଜନତା ଦଳର ପଞ୍ଚାୟତ ସଭାପତି ଯୁଗଳ କିଶୋର ମହାନ୍ତିଙ୍କ ଅଧକ୍ଷତାରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ପାଲଲହଡ଼ାର ପୂର୍ବତନ ଯୁବ ବିଧାୟକ ତଥା ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ମୁକେଶ କୁମାର ପାଳ, ସମ୍ମାନୀତ ଅତିଥି ଭାବେ ପାଲଲହଡ଼ା ବିଜୁ ଜନତା ଦଳର ବ୍ଲକ ସଭାପତି ରଞ୍ଜିତ ବିଶ୍ୱାଳ ଯୋଗ ଦେଇ ଆଗାମୀ ଦିନରେ ବଡ଼ସଡା ପଞ୍ଚାୟତରେ ବିଜୁ ଜନତା ଦଳ କିପରି ତୃଣମୂଳ ସ୍ତରରୁ ମଜବୁତ ହେବ ଓ ଏ ମିଛୁଆ ସରକାରକୁ ଆଗାମୀ ଦିନରେ ଲୋକ କିପରି ପ୍ରତ୍ୟାଖ୍ୟାନ କରିବେ ସେ ବିଷୟରେ ପ୍ରତ୍ୟେକ ଗ୍ରାମରୁ ଆସିଥିବା ବିଜୁ ଜନତା ଦଳର କର୍ମୀମାନଙ୍କ ସହିତ ବିସ୍ତୃତ ଆଲୋଚନା କରିଥିଲେ। ବୈଠକରେ ଜିଲ୍ଲା ସମ୍ପାଦକ ଲକ୍ଷ୍ମୀଧର ବିଶ୍ୱାଳ, ବାଡିସୀମା ସରପଞ୍ଚ ଶୁଭେନ୍ଦୁ ସାହୁ, ଖମାର ପଞ୍ଚାୟତ ସଭାପତି ସନ୍ତୋଷ ବିଶ୍ୱାଳ ମହୋଦୟ ବଡସଡ଼ା ପଞ୍ଚାୟତ ଯୁବ ସଭାପତି ଗଗନ ମହାପାତ୍ର, ସମବାୟ ସଭାପତି ଟୁନୁ ପ୍ରଧାନ ମହୋଦୟ ଓ ଶତାଧିକ ବିଜୁ ଜନତା ଦଳ କର୍ମକର୍ତ୍ତା ଯୋଗ ଦେଇଥିଲେ।



## ପିଡବ୍ଲୁଡି ରାସ୍ତାର ମାସୁଣିହତା ବ୍ରିଜ୍ ପାଲଟିଛି ମରଣଯନ୍ତା

କଣିହାଁ,୧୭।୫(ସମିସ):

ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଅନ୍ତର୍ଗତ ଡେରଙ୍ଗ ସ୍ଥିତ ମାସୁଣୀହତା ଅଣଚଉଡ଼ା ବ୍ରିଜ ଏବେ ଅଞ୍ଚଳବାସୀଙ୍କ ପାଇଁ ମରଣଯନ୍ତା ପାଲଟିଛି। କଣିହାଁର ୧୪୯ ନମ୍ବର ଜାତୀୟ ରାଜପଥରୁ ଡେରଙ୍ଗ ଦେଇ ବୁଢାପାଳକୁ ସଂଯୋଗ କରୁଥିବା ପିଡବ୍ଲୁଡି ରାସ୍ତାରେ ଥିବା ଏହି ବ୍ରିଜ ଦୁର୍ବଳ ଓ ସଂକୀର୍ଣ୍ଣ ହୋଇଥିବାରୁ ପ୍ରତିଦିନ ଯାତାୟାତ କରୁଥିବା ଲୋକଙ୍କ ଜୀବନ ବାଜିରେ ଲାଗୁଛି। ହୋମ୍ ପାଇପ ଦ୍ୱାରା ନିର୍ମିତ ଏହି ବ୍ରିଜର ଓସାର ମାତ୍ର ୩ ମିଟର ହୋଇଥିବାରୁ ଦୁଇଟି ଗାଡ଼ିର ସମ୍ମୁଖ ଯାତାୟାତ ସମୟରେ ଭୟଙ୍କର ସମସ୍ୟା ସୃଷ୍ଟି କରୁଛି। ଫଳରେ ଛୋଟବଡ଼ ଦୁର୍ଘଟଣା ନିତିଦିନିଆ ଘଟଣାରେ ପରିଣତ ହୋଇଗଲାଣି। ପୂର୍ବରୁ ମଧ୍ୟ ଏହି ବ୍ରିଜ ଉପରେ ଅନେକ ଦୁର୍ଘଟଣା ଘଟିଥିବାର ନଜିର ରହିଛି। ଏହି ରାସ୍ତା ଦେଇ ଡେରଙ୍ଗସ୍ଥ ଜିନ୍ଦଲ କମ୍ପାନୀର କର୍ମଚାରୀମାନେ ନିୟମିତ ଯାତାୟାତ କରୁଥିବା ବେଳେ ସମଲପୁର, ଦେବଗଡ଼, ବୁଢାପାଳ ଓ ଡେରଙ୍ଗ ଦେଇ ତାଳଚେରକୁ ସଂଯୋଗ କରୁଥିବାରୁ ଏହି ରାସ୍ତାର ଗୁରୁତ୍ୱ ବଢ଼ିଛି। ଦୂରତା କମିବା ସହ ପ୍ରତିଦିନ ଅନେକ ବସ ମଧ୍ୟ ଏହି ରାସ୍ତା ଦେଇ ଚଳାଚଳ କରୁଛି। ଏଥିସହ ଛେଣ୍ଡିପଦା, ଦେବଗଡ଼, ସମ୍ବଲପୁର ଅଂଚଳ ସହ ଆଖପାଖ ଅନେକ ଗାଁର ଲୋକ ସିଧାସଳଖ ଭାବେ ଏହି ରାସ୍ତା ଉପରେ ନିର୍ଭରଶୀଳ ଥିବା ବେଳେ ପ୍ରତିଦିନ ଶତାଧିକ ଲୋକ ଓ ଭାରିଯାନ ଏହି ବ୍ରିଜ ଦେଇ ଯାତାୟାତ କରୁଛି। ସାମାନ୍ୟ ବର୍ଷା ହେଲେ ବ୍ରିଜ ଉପରେ ଆଣ୍ଠୁଏ ପାଣି ଜମି ରହୁଥିବାରୁ ପରିସ୍ଥିତି ଆହୁରି ସଂଗୀନ ହୋଇପଡୁଛି। ପଥଚାରୀମାନେ ବ୍ରିଜର ଗାର୍ଡୱାଲ ଉପରେ ଚାଲି ଯିବାକୁ ବାଧ୍ୟ ହେଉଥିବା ଦେଖାଯାଉଛି। ସ୍ଥାନୀୟ ଲୋକମାନେ ବାରମ୍ବାର ପ୍ରଶାସନ ଓ ପିଡବ୍ଲୁଡି ବିଭାଗକୁ ବ୍ରିଜର ପ୍ରଶସ୍ତୀକରଣ ଓ ନୂତନ ବ୍ରିଜ ନିର୍ମାଣ ପାଇଁ ଦାବି କରୁଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସ୍ଥାୟୀ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଶୀଘ୍ର ଏହାର ସମାଧାନ ନ କରାଗଲେ ଆଗାମୀ ଦିନରେ ବଡ଼ ଧରଣର ଅଘଟଣ ଘଟିବା ଆଶଙ୍କାକୁ ଏଡ଼ାଇ ହେବନାହିଁ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଏଣୁ ପ୍ରଶାସନ ଏହାକୁ ଗୁରୁତର ସହ ନେଇ ତୁରନ୍ତ ଏକ ନୂତନ ଓ ପ୍ରଶସ୍ତ ବ୍ରିଜ ନିର୍ମାଣ କରିବାକୁ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀ ମହଲରେ ଦାବି ଜୋର ଧରିଛି।





## ସୁପରଭାଇଜରଙ୍କୁ ମାଡ଼ ଘଟଣାରେ ଜଣେ ଗିରଫ

କଣିହାଁ, ୧୭।୫(ସମିସ): କଣିହାଁ କୋଇଲା ଖଣି ଟାଇମ୍ ଅଫିସ ପଛ ପାଶ୍ୱର୍ରେ ଥିବା ନୂତନ କମ୍ପାନୀ "ଏ ଆଣ୍ଡ ଏ ଲୋଜିଷ୍ଟିକ୍ସ'ର ସୁପରଭାଇଜର ରମେଶ ଚନ୍ଦ୍ର ପ୍ରଧାନ (୫୮)ଙ୍କୁ ମାଡ଼ ଘଟଣାରେ କଣିହାଁ ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଜରଡ଼ା ଗ୍ରାମର ଦିଲ୍ଲୀପ ନାଏକ। କିଶୋରନଗର ଥାନା ଅଞ୍ଚଳର ଜୟରାଟ ଗ୍ରାମର ବାସିନ୍ଦା ରମେଶ ଚନ୍ଦ୍ର ପ୍ରଧାନ ଗତ ୧୫ ତାରିଖ ରାତିରେ କମ୍ପାନୀର ଗାଡ଼ି ମେଣ୍ଟେନାନ୍ସ କାର୍ଯ୍ୟ ତଦାରଖ କରୁଥିବାବେଳେ କେତେକ ଅଚିହ୍ନା ଯୁବକ ଆସି ତାଙ୍କୁ ମାଡ଼ ମାରି କରି ଫେରାର ହୋଇଯାଇଥିଲେ। ଏ ନେଇ କଣିହାଁ ଥାନାରେ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ଆଧାରରେ କଣିହାଁ ଥାନା ପୁଲିସ ୧୩୭/୨୬ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ପରେ ପୁଲିସ ଜରଡ଼ା ଗ୍ରାମର ଦିଲ୍ଲୀପ ନାଏକଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

# ଜ୍ୱାଇଁର ଉନ୍ମତ୍ତକାଣ୍ଡ; ଶଶୁର ଘରେ ଲଗାଇଲା ନିଆଁ

ହିନ୍ଦୋଳ/ଖଜୁରିଆକଟା, ୧୭।୫(ସମିସ): ରାସୋଳ ଥାନା ଅନ୍ତର୍ଗତ ବୁହାଳିପାଳ ପଞ୍ଚାୟତର ବିଦ୍ୟାଧରପୁର ଗାଁରେ ଜ୍ୱାଇଁ ଉନ୍ମତ୍ତକାଣ୍ଡ ଘଟାଇ ଶଶୁର ଘରେ ନିଆଁ ଲଗାଇଦେବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ବିଦ୍ୟାଧରପୁର ଗ୍ରାମର ରମେଶ ବିଶ୍ୱାଳଙ୍କ ସମ୍ପୂର୍ଣ୍ଣ ଘର ପୋଡ଼ି ପାଉଁଶ ହୋଇଯାଇଥିବାବେଳେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ବିଦ୍ୟାଧରପୁର ଗ୍ରାମର ଜ୍ଞାନରଞ୍ଜନ ସାହୁ ଆଜକୁ ୧୪ ବର୍ଷ





ହେବ ସେହି ଗ୍ରାମର ରମେଶ ବିଶ୍ୱାଳଙ୍କ ବଡଝିଅ ଅନୀତା ବିଶ୍ୱାଳଙ୍କୁ ପ୍ରେମ ବିବାହ କରିଥିଲେ। ବିବାହ ପରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଉଭୟଙ୍କ ମଧ୍ୟରେ ବଚସା ଲାଗି ରହିଥିଲା। ଗତକାଲି ଉଭୟଙ୍କ ମଧ୍ୟରେ କଳହ ହୋଇଥିଲା। ପରେ ଜ୍ଞାନ ସ୍ତ୍ରୀ ଅନୀତାଙ୍କୁ ପାଖରେ ଥିବା ନିଜ ଶଶୁର ଘରେ ଛାଡ଼ିଦେଇ ଘର ପୋଡ଼ିଦେବା ଧମକ ଦେଇଥିଲା। ଜ୍ୱାଇଁର ଧମକକୁ ଭୟ କରି ଶଶୁର ଘର ଲୋକ ଘରେ ତାଲା ପକାଇ ବନ୍ଧୁ ଘରକୁ ଚାଲି ଯାଇଥିବାବେଳେ ବିଳମ୍ବିତ ରାତିରେ ନିଶାଶକ୍ତ ଅବସ୍ଥାରେ ଜ୍ୱାଇଁ ଜ୍ଞାନ ନିଜ ଶଶୁର ଘରେ ନିଆଁ ଲଗାଇ ଦେଇଥିଲେ। ଅଗ୍ନିକାଣ୍ଡର ରୂପ ଏତେ ଭୟଙ୍କର ଥିଲା ଯେ ନିମିଷକ ମଧ୍ୟରେ ସବୁ ପୋଡ଼ି ପାଉଁଶ ହୋଇଯାଇଥିଲା। ଘଟଣାସ୍ଥଳରେ ରାସୋଳ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏ ନେଇ ରାସୋଳ ଥାନାରେ ଅଭିଯୋଗ ହେବା ପରେ ରସୋଳ ଥାନାରେ ମାମଲା ରୁଜୁ ହୋଇ ଜ୍ଞାନରଞ୍ଜନଙ୍କୁ ଗିରଫ କରି ଅଧିକ ତଦନ୍ତ ଚାଲିଛି।

## ସାପକରା, ବାରିଆରାଗୁଡ଼ି ଗ୍ରାମବାସୀ ପକ୍କା ସଡ଼କରୁ ବଞ୍ଚିତ

# ବର୍ଷାରେ ଗାଁକୁ ଯାଉନି ଆମ୍ବୁଲାନ୍ସ, ଲୋକେ ନାହିଁ ନଥିବା ହୀନସ୍ତା

ହିନ୍ଦୋଳ, ୧୭।୫(ସମିସ)

ଆମ ଦେଶ ୭୭ ବର୍ଷ ହେବ ସ୍ୱାଧୀନ ହେଲାଣି। ଦେଶ ମଧ୍ୟ ଆଜାଦି କା ମହୋତ୍ସବ ପାଳନ କରିଛି। ତେବେ ଆଜି ମଧ୍ୟ ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକ ମୌଳିକ ସୁବିଧାରୁ ବଞ୍ଚିତ ରହିଥିବା ଦେଖିବାକୁ ମିଳିଛି। ଦରକାର ନ ଥିବା ଜାଗାରେ ନିର୍ମାଣ ହେଉଛି ପକ୍କା ରାସ୍ତା। ହେଲେ ଜନସାଧାରଣ ଯେଉଁଠି ପକ୍କା ସଡକ ପାଇଁ ନାହିଁ ନ ଥିବା ହୀନସ୍ତା ହେଉଛନ୍ତି, ସେ ଜାଗାରେ ନିର୍ମାଣ ହୋଇପାରୁନି ରାସ୍ତା। ଗ୍ରାମରେ ୬୦୦ରୁ ଉର୍ଦ୍ଧ୍ୱ ଜନସାଧାରଣ ବାସ କରୁଥିବାବେଳେ ଗ୍ରାମକୁ ଯିବାକୁ ପକ୍କା ସଡ଼କ ନାହିଁ। ଅସରାଏ ବର୍ଷାରେ ଗାଁକୁ ଯାଇପାରୁନି ଆମ୍ବୁଲାନ୍ସ। ଏଭଳି ଘଟଣା ଢେଙ୍କାନାଳ



ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଦୁଦୁରୁକୋଟ ପଞ୍ଚାୟତ ସାପକରା ଓ ବାରିଆରାଗୁଡ଼ି ଗ୍ରାମରେ ଦେଖିବାକୁ ମିଳିଛି।

ଏହି ଦୁଇ ଗ୍ରାମରେ ୬୦୦ରୁ ଅଧିକ ଲୋକ ବସବାସ କରୁଥିବାବେଳେ ଅଧାରୁ ଅଧିକ ଅଧିବାସୀ ଅନୁସୂଚିତ ଜାତିର। ପିଲାମାନେ ପଢ଼ିବା ପାଇଁ ଗ୍ରାମରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ରହିଛି। ଅଧିକ ପଢ଼ିବାକୁ ଗ୍ରାମର ଛାତ୍ରଛାତ୍ରୀଙ୍କୁ ନିକଟସ୍ଥ ଦୁଦୁରୁକୋଟ ଗ୍ରାମକୁ ଯିବାକୁ ପଡ଼େ। ଯାହାକି ବାରିଆରଗଡ଼ି ଓ ସାପକରା ଗ୍ରାମଠାରୁ ପ୍ରାୟ ୩ କିଲୋମିଟରରୁ ଅଧିକ ଦୂର ହେବ। ସତମାଇଲ ନିକଟସ୍ଥ ପୂର୍ତ୍ତ ବିଭାଗ

**ବାରମ୍ବାର ଗୁହାରି ପରେ ହେଉନି ପକ୍କା ରାସ୍ତା ନିର୍ମାଣ**

ରାସ୍ତାଠାରୁ ଘଞ୍ଚ ଜଙ୍ଗଲ ମଧ୍ୟ ଦେଇ ୨ କିଲୋମିଟର ଦୂର ଏହି ଗ୍ରାମ। ବର୍ଷା ହେଲେ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧା ଭୋଗୁଥିବା ଦେଖିବାକୁ ମିଳୁଛି। ଖରା ଓ ଶୀତ ଦିନରେ କଷ୍ଟେ ମଷ୍ଟେ ଗ୍ରାମକୁ ଯାଇ ହେଉଥିବାବେଳେ ବର୍ଷାଦିନେ ଗ୍ରାମକୁ ଆମ୍ବୁଲାନ୍ସ ଯିବାକୁ କଷ୍ଟକର ହୋଇଥାଏ। ପୂର୍ତ୍ତ ବିଭାଗ ରାସ୍ତାଠାରୁ ଗ୍ରାମ ୨ କିଲୋମିଟରରୁ ଉର୍ଦ୍ଧ୍ୱ ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ସଡକ ଯୋଜନା ମାଧ୍ୟମରେ ଗ୍ରାମକୁ ଏକ ପକ୍କା ସଡ଼କ ନିର୍ମାଣ କରିବା ପାଇଁ ଗ୍ରାମବାସୀ ଦୀର୍ଘଦିନ ହେବ ଦାବି କରିଆସୁଛନ୍ତି। ହେଲେ ଗ୍ରାମବାସୀଙ୍କ କଥାକୁ କର୍ଣ୍ଣପାତ କରୁନାହାନ୍ତି ବିଭାଗୀୟ ଅଧିକାରୀ। ଗ୍ରାମବାସୀ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଗ୍ରାମକୁ ନୂତନ ପକ୍କା ସଡକ ନିର୍ମାଣ କରିବା ପାଇଁ ଲିଖିତ ଭାବେ ଜଣାଇଛନ୍ତି। ଗ୍ରାମାଞ୍ଚଳର ଅଧିବାସୀଙ୍କ ଆର୍ଥିକ ମେରୁଦଣ୍ଡ ସୁଦୃଢ ହେଲେ ଦେଶର ଉର୍ନତି ହୋଇପାରିବ ବୋଲି ସରକାର ଗ୍ରାମାଞ୍ଚଳର ଉନ୍ନତି ପାଇଁ କୋଟି କୋଟି ଟଙ୍କା ଆର୍ଥିକ ଅନୁଦାନ ଯୋଗାଇ ଦେଉଛନ୍ତି। ତେବେ ହିନ୍ଦୋଳ ଉପଖଣ୍ଡର ସାପକରା, ବାରିଆରାଗୁଡି ଗାଁ ପକ୍କା ରାସ୍ତା କରାଯିବାକୁ ଦାବି ହେଉଛି।

# ଆନ୍ତର୍ଜାତିକ ନର୍ସ ଦିବସ ପାଳନ

ଭୁବନ, ୧୭।୫(ସମିସ): ଢେଙ୍କାନାଳ ଜିଲ୍ଲାର ଭୁବନ ଅଞ୍ଚଳରେ ବାଜିରାଉତ କଲେଜ ସମ୍ମୁଖରେ ଅବସ୍ଥିତ ହାର୍ଟ୍ସ ଡିସକଭରି କଲେଜ ଅଫ ମଲ୍ଟିପଲ୍ସ ଦ୍ୱାରା ଆନ୍ତର୍ଜାତିକ ନର୍ସ ଦିବସ ପାଳିତ ହୋଇଯାଇଛି। ଏହି ଶିକ୍ଷାନୁଷ୍ଠାନ ଜିଏନଏମ୍ କୋର୍ସ ପ୍ରଦାନ କରୁଥିବା ସହ ନର୍ସିଂ କ୍ଷେତ୍ରରେ ଗୁଣାତ୍ମକ ଶିକ୍ଷା, ଶୃଙ୍ଖଳା ଓ ସେବାଭାବକୁ ଆଗେଇ ନେବାରେ ପ୍ରତିବଦ୍ଧ ଅଟେ। ବର୍ତ୍ତମାନ ସମୟରେ ଜିଏନଏମ୍ ନର୍ସିଂ କୋର୍ସର ଚାହିଦା ଦେଶ ଓ ବିଦେଶରେ ବହୁତ ବଢ଼ିଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଦକ୍ଷ ନର୍ସଙ୍କ ପାଇଁ ଅପାର ସୁଯୋଗ ସୃଷ୍ଟି ହେଉଛି। ହସ୍ପିଟାଲ, କମ୍ୟୁନିଟି ହେଲଥ ସେଣ୍ଟର, ସରକାରୀ ଓ ବେସରକାରୀ ସଂସ୍ଥା ସହ ବିଦେଶରେ ମଧ୍ୟ ନର୍ସଙ୍କ ପାଇଁ ଉଜ୍ଜ୍ୱଳ କ୍ୟାରିୟର ରହିଛି। ଏହି କୋର୍ସ କେବଳ ଚାକିରି ନୁହେଁ, ବରଂ ମାନବ ସେବାର ଏକ ମହାନ ପଥ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଚଳିତ ବର୍ଷର ଥିମ୍ 'ଆୱାର ନର୍ସ ଆୱାର ଫ୍ୟୁଚର, ଏମ୍ପାୱାର ନର୍ସ ସେଭ୍ ଲାଇଭ'କୁ ଆଧାର କରି କଲେଜ ଓ ମ୍ୟାନେଜମେଣ୍ଟ ପକ୍ଷରୁ ସପ୍ତାହବ୍ୟାପୀ ବିଭିନ୍ନ ସାଂସ୍କୃତିକ ଓ ଶିକ୍ଷାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏ ଅବସରରେ ଚିତ୍ରାଙ୍କନ, ବକ୍ତୃତା, ରଚନା, ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଛାତ୍ରଛାତ୍ରୀ ଉତ୍ସାହର ସହିତ ଏହି ସମସ୍ତ କାର୍ଯ୍ୟକ୍ରମରେ ଭାଗ




ନେଇ ନିଜ ନିଜ ଦକ୍ଷତା ପ୍ରଦର୍ଶନ କରିଥିଲେ।

୧୨ ତାରିଖରେ ମୁଖ୍ୟ ଉତ୍ସବ ଆୟୋଜିତ ହୋଇଥିଲା। ଉତ୍ସବରେ ଆଲୋକ, ଜ୍ଞାନ, ସେବା ଓ ମାନବତାର ପଥକୁ ଉଜ୍ଜ୍ୱଳ କରେ ବୋଲି ଅତିଥିମାନେ କହିଥିଲେ। କଲେଜ ଅଧ୍ୟକ୍ଷ ଓ ପ୍ରତିଷ୍ଠାତା ଟି.ଡି. ମହାପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେବା ପରେ ନର୍ସିଂ ପେଶାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଉପାଧ୍ୟକ୍ଷା ମୀନାକ୍ଷୀ ମହାପାତ୍ର ଛାତ୍ରଛାତ୍ରୀଙ୍କୁ ସେବାଭାବ ଓ ମାନବିକତାର ପଥରେ ଆଗେଇ ଯିବାକୁ ପ୍ରେରଣା ଦେଇଥିଲେ। ମୁଖ୍ୟବକ୍ତା ଭୁବନ କଲେଜର ଅବସରପ୍ରାପ୍ତ ଅଧ୍ୟାପକ ବାସୁଦେବ ସାହୁ ନର୍ସଙ୍କ ଭୂମିକା ଓ ସ୍ୱାସ୍ଥ୍ୟସେବାରେ ସେମାନଙ୍କ ଅବଦାନ ବିଷୟରେ ଆଲୋଚନା କରିଥିଲେ। ପରେ ଲେଡି ୱିଥ ଦ ଲ୍ୟାମ୍ପ ଭାବେ ପରିଚିତ ମହାନ ସେବିକା ଫ୍ଲୋରେନ୍ସ ନାଇଟିଙ୍ଗେଲଙ୍କ ସ୍ମୃତିରେ ଶପଥ ପାଠ କରାଯାଇଥିଲା। ଛାତ୍ରଛାତ୍ରୀ ମାନବ ସେବା, କରୁଣା ଓ ନିଷ୍ଠାର ସହିତ ନର୍ସିଂ ପେଶାକୁ ଅନୁସରଣ କରିବା ପାଇଁ ଶପଥ ଗ୍ରହଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଦଳୀୟ ସଙ୍ଗୀତ, ନୃତ୍ୟ, କବିତା ପାଠ, ଅଭିନୟ ଓ ବିଭିନ୍ନ ମନୋରଞ୍ଜନାତ୍ମକ ପରିବେଷଣ ଦର୍ଶକଙ୍କ ମନୋରଞ୍ଜନ କରିଥିଲା। ସପ୍ତାହବ୍ୟାପୀ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

## ● ଅଁଳାଝରି କେନାଲ ଅତଡ଼ା ଖସି ରାସ୍ତା ବିପଦସଙ୍କୁଳ

# ପ୍ରଶାସନିକ ଅବହେଳାକୁ ନେଇ ଗ୍ରାମବାସୀଙ୍କ ଅସନ୍ତୋଷ

ଭୁବନ, ୧୭।୫ (ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଅନ୍ତର୍ଗତ ଅଁଳାଝରି ଗ୍ରାମ ଦେଇଯାଇଥିବା ସୁକିନ୍ଦା ଶାଖା କେନାଲର ଅତଡ଼ା ଖସିବା ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଏକ ବଡ଼ ବିପଦ ସୃଷ୍ଟି ହୋଇଛି। ପ୍ରତିଦିନ ବ୍ୟବହାର ହେଉଥିବା ରାସ୍ତାର ପାର୍ଶ୍ୱ ଅତଡ଼ା ଖସି ବଡ଼ ଖାଲରେ ପରିଣତ ହୋଇଥିବାରୁ ଜନସାଧାରଣ ଯାତାୟାତ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ବିପଦସଂକୁଳ ଖାଲ ଯୋଗୁଁ ଯେକୌଣସି ମୁହୂର୍ତ୍ତରେ ବଡ଼ଧରଣର ଦୁର୍ଘଟଣା ଘଟିବା ଆଶଙ୍କା ପ୍ରକାଶ ପାଇଛି। ଗାଧୋଇବା ସ୍ଥାନ ପାଲଟିଛି ମରଣଯନ୍ତା ପାଲଟିଛି। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ଯେଉଁ ସ୍ଥାନରେ ଗ୍ରାମବାସୀ ନିତ୍ୟକର୍ମ ଓ ଗାଧୋଇବା ପାଇଁ ଏକତ୍ରିତ ହୁଅନ୍ତି, ସେହି ସ୍ଥାନରେ ହିଁ ମାଟି ଧସିଚାଲିଛି। ଏହା ଦ୍ୱାରା ମହିଳା ଓ ଶିଶୁମାନେ ସୁରକ୍ଷିତ ଭାବେ



କେନାଲକୁ ଓହ୍ଲାଇବା ସମ୍ଭବ ହେଉନାହିଁ। ପ୍ରଶାସନର ଦୀର୍ଘଦିନର ନିରବତା ଓ ଅବହେଳା କାରଣରୁ ଏହି ସମସ୍ୟା ଦିନକୁ ଦିନ ଉଗ୍ରରୂପ ଧାରଣ କରୁଛି। ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ପ୍ଲାଷ୍ଟର ଓ ସୁରକ୍ଷା ପ୍ରାଚୀର ପାଇଁ ଦାବି ହୋଇଛି। ସ୍ଥାନୀୟ ଜନପ୍ରତିନିଧି ଓ ଜଳସମ୍ପଦ ବିଭାଗର ସୁକିନ୍ଦା ଡିଭିଜନର ଉଚ୍ଚପଦସ୍ଥ ଅଧିକାରୀ ଏହି ସମସ୍ୟାକୁ ଗୁରୁତର ସହ ନେଇ ତୁରନ୍ତ ତଦନ୍ତ କରିବା ସହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ସାଧାରଣରେ ଦାବି ହେଉଛି।

# ସାବିତ୍ରୀରେ ସ୍ୱାମୀଙ୍କୁ ହତ୍ୟା ଅଭିଯୋଗରେ ସ୍ତ୍ରୀ ଗିରଫ

ଗଁଦିଆ, ୧୭।୫(ସମିସ): ସ୍ୱାମୀର ଦୀର୍ଘ ଜୀବନ କାମନା କରି ସ୍ତ୍ରୀ କରେ ସାବିତ୍ରୀ ବ୍ରତ। ତେବେ ଯେଉଁ ସ୍ତ୍ରୀ ବ୍ରତ ପାଳନ କରିବା କଥା, ସେହି ସ୍ତ୍ରୀ ସାବିତ୍ରୀ ବ୍ରତରେ ସ୍ୱାମୀର ଜୀବନ ନେଇଛି। ଏଭଳି ଘଟଣା ଗଁଦିଆ ଥାନା ଅନ୍ତର୍ଗତ ଚନ୍ଦ୍ରଶେଖରପୁର ଗ୍ରାମରେ ଦେଖିବାକୁ ମିଳିଛି। ତେବେ ଏହି ଘଟଣାରେ ଗଁଦିଆ ପୁଲିସ ସ୍ତ୍ରୀକୁ ଗିରଫ କରିଥିବା ଜଣାପଡ଼ିଛି। ଚନ୍ଦ୍ରଶେଖରପୁର ଗ୍ରାମର ଦେବରାଜ ବେହେରାଙ୍କ ପୁଅ ଗୋପିନାଥ ବେହେରା (୨୭) ଗତକାଲି ରାତିରେ ମଦପିଇ ଘରକୁ ଆସିଥିବାବେଳେ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ କଳହ ହୋଇଥିଲା। ସ୍ୱାମୀ ସ୍ତ୍ରୀକୁ ମାଡ଼ ମାରିଥିଲା। ପରେ ସ୍ୱାମୀ ଶୋଇଥିବାବେଳେ ସ୍ତ୍ରୀ ପୂଜା ଗୋଛାୟତ ଲୁଗାରେ ସ୍ୱାମୀର ତଣ୍ଟି ଚିପି ହତ୍ୟା କରିଥିଲା। ଖବର ପାଇ ଗଁଦିଆ ପୁଲିସ ପହଞ୍ଚି ଶବ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ସ୍ତ୍ରୀ ପୂଜାଙ୍କୁ ଗିରଫ କରି ହତ୍ୟା ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

# କଂଗ୍ରେସ ଜିଲ୍ଲା କମିଟି ବୈଠକ ଓ ମିଶ୍ରଣ ପର୍ବ

ଢେଙ୍କାନାଳ, ୧୭।୫(ସମିସ): ସ୍ଥାନୀୟ ଗାନ୍ଧୀ ମନ୍ଦିରରେ କଂଗ୍ରେସ ଜିଲ୍ଲା କମିଟିର ଏକ ବୈଠକ ସହିତ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଛବିରାଜ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଜିଲ୍ଲା କମିଟିର କାର୍ଯ୍ୟକାରିଣୀ ସଦସ୍ୟ, ଉପସଭାପତି, ସାଧାରଣ ସମ୍ପାଦକ, କୋଷାଧ୍ୟକ୍ଷ, ନଗର ସଭାପତି, ବ୍ଲକ ସଭାପତି ଓ ବରିଷ୍ଠ ସଦସ୍ୟ




ଉପସ୍ଥିତ ଥିଲେ। ବୈଠକରେ ପିସିସି ଉପସଭାପତି ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ। ବୁଥ୍ ଲେଭଲ୍ ଏଜେଣ୍ଟ-୧ମାନେ ଏହି ମାସ ଶେଷ ସୁଦ୍ଧା ବୁଥ ଲେଭଲ୍ ଏଜେଣ୍ଟ -୨ମାନଙ୍କର ନିଯୁକ୍ତି ପ୍ରକ୍ରିୟା ଶେଷ କରିବା. ବ୍ଲକ ସଭାପତିଙ୍କୁ ବ୍ଲକ କମିଟି ନିଯୁକ୍ତି ଶେଷ କରିବା ନିମନ୍ତେ ଶ୍ରୀ ମହାପାତ୍ର ପରାମର୍ଶ ଦେଇଥିଲେ। ସାଙ୍ଗଠନିକ ଶକ୍ତି ବୃଦ୍ଧି କରିବା ନିମନ୍ତେ ସମସ୍ତ ନେତା ଓ କର୍ମୀ ପରସ୍ପର ସହଯୋଗ କରିବା ସହିତ ଲୋକଙ୍କ ନିକଟତର ହୋଇ କାର୍ଯ୍ୟ କରିବା, ସ୍ଥାନୀୟ ସମସ୍ୟାକୁ ନେଇ ପ୍ରଶାସନ ନିକଟରେ ଚାପ ସୃଷ୍ଟି କରିବା ଇତ୍ୟାଦି ନିମନ୍ତେ ଆଲୋଚନା କରାଯାଇଥିଲା। ବୈଠକ ଶେଷରେ କାମାକ୍ଷାନଗର ନିର୍ବାଚନମଣ୍ଡଳୀର ବାଲିଗୋରଡ ପଞ୍ଚାୟତ ଓ ନିକଟବର୍ତ୍ତୀ ଅଞ୍ଚଳର ବିଭିନ୍ନ ଗ୍ରାମରୁ ୪୦ରୁ ଅଧିକ ପୁରୁଷ ଓ ମହିଳା ବିଜେପି ଛାଡି କଂଗ୍ରେସରେ ଯୋଗଦାନ କରିଥିଲେ। ଜିଲ୍ଲା ଉପସଭାପତି ପ୍ରଭୁଦତ୍ତ ଭଞ୍ଜଙ୍କ ସହଯୋଗରେ ପୂର୍ବତନ ବିଜେପି ନେତା କୃଷ୍ଣପ୍ରସାଦ ମହାନ୍ତିଙ୍କ ଗହଣରେ ଆସିଥିବା ସମସ୍ତଙ୍କୁ ଜିଲ୍ଲା ସଭାପତି ଶ୍ରୀ ବିଶ୍ୱାଳ, ପିସିସି ଉପସଭାପତି ଶ୍ରୀ ମହାପାତ୍ର ଓ ଅନ୍ୟ ବରିଷ୍ଠ ନେତା କଂଗ୍ରେସ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ। ବିଭିନ୍ନ ପଦାଧିକାରୀ ଓ ବରିଷ୍ଠ ନେତାଙ୍କ ମଧ୍ୟରେ ପୂର୍ବତନ ବିଧାୟକ ମହେଶ୍ୱର ନାଏକ, ବରିଷ୍ଠ ସଦସ୍ୟ ରବିନାରାୟଣ ମହାନ୍ତି, ଡାକ୍ତର ତୁଷାରକାନ୍ତି ନାୟକ, ରୁଦ୍ରପ୍ରକାଶ ଶରଣ, ପ୍ରେମ ଶଙ୍କର ମିଶ୍ର, ନିଶାକର ସାହୁ, ରାଜୀବଲୋଚନ ସିଂହଦେଓ, ଫକୀର ଚରଣ ସାହୁ, ଉପସଭାପତି ବିନୟ ସାହୁ, ସରୋଜ ଶତପଥି, ଉପସଭାପତି ଡମ୍ବରୁଧର ସେଠୀ, ନାରୀନେତ୍ରୀ ସ୍ମିତାରାଣୀ ସାମଲ, ବିପ୍ରବର ସାହୁ, ସାଧାରଣ ସମ୍ପାଦକ ଅବିନାଶ ପଣ୍ଡା, ଗୋବର୍ଦ୍ଧନ ଶେଖର ନାଏକ, ରଣଜିତ ସାହୁ, ସୁଶାନ୍ତ ଧଳ, ବିକାଶ ସ୍ୱାଇଁ, କାମାକ୍ଷାପ୍ରସାଦ ବିହାରୀ, ଅଜୟ ବିହାରୀ, ରୁମେନା ବେଗମ୍ ପ୍ରମୁଖ ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ ନୁରୁଲ ଇସଲାମ ଧନ୍ୟବାଦ ଅର୍ପଣ କରିଥିଲେ।

# ବୋଲଡର ବୋଝେଇ ଟ୍ରାକ୍ଟର ଜବତ

ଗଁଦିଆ, ୧୭।୫(ସମିସ): ଗଁଦିଆ ବ୍ଲକ ନିହଲପ୍ରସାଦ ଥାନା ଅଧୀନସ୍ଥ ଭାଗଲପୁର ପଥର ଖଣିରୁ ବୋଲଡର ନେଇ ଏକ ଟ୍ରାକ୍ଟର ନିତ୍ୟାନନ୍ଦପୁର ଆଡ଼କୁ ଆସୁଥିବାବେଳେ ନିହଲପ୍ରସାଦ ଥାନା ଏସଆଇ ମୁରଲୀଧର ନାଏକ ଅଟକାଇଥିଲେ। କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ଚାଳକ ନିହାଲପ୍ରସାଦ ଗ୍ରାମର ନିତ୍ୟାନନ୍ଦ ଜେନାଙ୍କ ପୁଅ ମନୋଜ ଜେନା (୨୪)ଙ୍କୁ ଗିରଫ କରାଯାଇଥିବା ଜଣାଯାଇଛି। ଥାନାରେ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି। ଗଁଦିଆ ତହସିଲ ଅଧୀନରେ କେତେକ ବୋଲଡର ଖଣି ସରକାରୀ ଭାବେ ନିଲାମ ହୋଇଥିବାବେଳେ ବିଭିନ୍ନ କାରଣକୁ ନେଇ ବନ୍ଦ ରହିଛି। ପଥର ମାଫିଆ ଚୋରାରେ ବୋଲଡର ଉଠାଉଥିବା ଅଭିଯୋଗ ବାରମ୍ବାର ହେଉଥିଲା। ତେବେ ବଡ଼ ବଡ଼ ହାଇୱା ପଳାଉଥିବାବେଳେ ଛୋଟ ଟ୍ରାକ୍ଟରକୁ ଧରି ପୁଲିସ ବାଃ ବାଃ ନେଉଥିବା ସାଧାରଣରେ ଆଲୋଚନା ହେଉଛି।

# ୨ ଭାଇ ମଧ୍ୟରେ ଗଣ୍ଡଗୋଳ, ଜଣେ ଗିରଫ

ଗଁଦିଆ, ୧୭।୫(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ କାଶୀପୁର ପଞ୍ଚାୟତର ଭାଲିଆପାଟ ଗ୍ରାମରେ ମେଗା ପାନୀୟଜଳ ଯୋଜନାରେ ପାଇପ ପକାଇବାକୁ ଦୀର୍ଘଦିନ ହେବ ଗାତ ଖୋଳାଯାଇଛି। ଗାଁ ଲୋକ ମାଟି ପକାଇ ପୋତିଦେଇଥିଲେ। କିଛି କୁଚକ୍ରୀ ଲୋକ ଗାଳି କରିବାରୁ ପକାଇଥିବା ମାଟି ଉଠାଇଦିଆଗଲା। ବର୍ଷା ହେବାରୁ କାଦୁଅ ହେଲା। ଯାହାକୁ ନେଇ ସମ୍ପର୍କୀୟ ୨ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଜିତନ ପ୍ରଧାନଙ୍କ ପୁଅ ଅଶୋକ ପ୍ରଧାନ ଏକ କଟୁରୀରେ ଆଶିଷ ପ୍ରଧାନଙ୍କୁ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଶା ଲୋକ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାମୁଁ ଘରେ ଥିବା ଆଶିଷଙ୍କ ପୁଅ ଥାନାରେ ଏତଲା ଦେବା ପରେ ପୁଲିସ ଅଶୋକଙ୍କୁ ଗିରଫ କରିଛି। ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇ ଥିବା ଥାନାଧିକାରୀ ଧିରେନ ସ୍ୱାଇଁ ସୂଚନା ଦେଇଛନ୍ତି। ତେବେ ଜଳ ଯୋଗାଣ ଠିକାଦାରଙ୍କ ଅପରିଣାମଦର୍ଶିତା ଯୋଗୁଁ ଭାଇ ଭାଇ ମଧ୍ୟରେ ଗଣ୍ଡଗୋଳ ଲାଗୁଛି। ଯାହାକି ଉଗ୍ର ରୂପ ନେଉଛି। ଠିକାଦାର ତୁରନ୍ତ ପାଇପ ପକାଇ କଂକ୍ରିଟ ନ କଲେ ଠିକାଦାରଙ୍କ ନାମରେ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ ଓ ମାମଲା ପ୍ରଦାନ କରାଯିବ ବୋଲି ସମାଜସେବୀ ଅକ୍ଷୟ ପାତ୍ର ଚେତାବନୀ ଦେଇଛନ୍ତି।

# କୈଳାସ ମହାପାତ୍ରଙ୍କ ପରିବାରକୁ ଭେଟିଲେ ସାଂସଦ



ଭୁବନ, ୧୭।୫ (ସମିସ): ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଭୁବନ ବ୍ଲକ ଗସ୍ତ କରି ବିଭିନ୍ନ ଜନହିତକର କାର୍ଯ୍ୟରେ ଯୋଗ ଦେଇଥିଲେ। ଭୁବନ ବ୍ଲକ ଅରଖପାଳ ପଞ୍ଚାୟତର ବେଢ଼ାପାଳ, ମଠକରଗୋଳା, ଗଡ଼ନୃସିଂହପ୍ରସାଦ ପଞ୍ଚାୟତର ପଳାଶ ପିଠିଆ, ବାରୁଆଁ ପଞ୍ଚାୟତର ମଠଖୋକାସା ଓ ଦୟଣାବିଲ ପଞ୍ଚାୟତର କହେଁଇପାଳଠାରେ ଗ୍ରାମବାସୀଙ୍କ ସହ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ୨୫୦୦ ଲୋକ ସଂଖ୍ୟା ବିଶିଷ୍ଟ ଗ୍ରାମ ବେଢ଼ାପାଳରେ ଶ୍ମଶାନ ନାହିଁ, ମଠକରଗୋଳାରେ ପୂର୍ବତନ ସମିତି ସଭ୍ୟ ଜୟନ୍ତ ନାୟକ, ପଳାଶପିଠିଆଠାରେ ପୂର୍ବତନ ବିଧାୟକ କୈଳାସ ମହାପାତ୍ର, ପୁତ୍ର ଭବାନୀ ଶଙ୍କର ମହାପାତ୍ରଙ୍କ ଏକାଦଶାହରେ ପହଞ୍ଚି ପାରିନଥିଲେ ସାଂସଦ। ସ୍ୱର୍ଗତ ଭବାନୀ ମହାପାତ୍ରଙ୍କ ଜନ୍ମ ମାଟି ପୈତୃକ ଘରେ ପହଞ୍ଚି ତାଙ୍କ ବଡବାପା ଗୋକୁଳ ଚନ୍ଦ୍ର ମହାପାତ୍ରଙ୍କୁ ସାକ୍ଷାତ କରିଥିଲେ। ପରେ ମଠଖୋକସା ମଠକୁ ୨୦୧୩ରେ ପ୍ରଦାନ କରିଥିବା ରାଜ୍ୟସଭା ପାଣ୍ଠିରେ ନିର୍ମିତ ଘର ପରିଦର୍ଶନ କରିଥିଲେ। ବରିଷ୍ଠ ନାଗରିକ ପ୍ରସନ୍ନ ମିଶ୍ର, ସ୍ୱାମୀ ପରିତକ୍ତା ପଣ୍ଡାଙ୍କ ବିଷୟରେ ତହସିଲଦାର ଓ ବିଡିଓଙ୍କୁ ଅବଗତ କରାଇଥିଲେ। ଡମଶାଳ କୃଷି ଫାର୍ମ ସମ୍ପର୍କରେ ଗ୍ରାମବାସୀଙ୍କଠାରୁ ବିଭିନ୍ନ ବିଷୟରେ ବୁଝିଥିଲେ। ସମ୍ବଲପୁର-ହାୱାଡା ବାଜିରାଉତ ଏକ୍ସପ୍ରେସ ପାଇଁ ମଧ୍ୟ ପୁଣି ସଂସଦରେ ଉପସ୍ଥାପନା କରିବାକୁ କହିଥିଲେ। ପରେ ରେଙ୍ଗାଳି ବାମ ମୁଖ୍ୟ କେନାଲ ଅଧୀନରେ ଭୁବନ ବ୍ଲକର ବିଭିନ୍ନ ସ୍ଥାନରେ ଅସମ୍ପୂର୍ଣ୍ଣ ଥିବା ପ୍ରକଳ୍ପ ସମ୍ପର୍କରେ ଭୁବନ ସୁକିନ୍ଦା ପାଣି ପଞ୍ଚାୟତ ସମୂହର ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ଅଭିଯୋଗକୁ ଆଧାର କରି କେନାଲ ଓ କରନାଳି ପରିଦର୍ଶନ ସମ୍ପର୍କରେ ସମୀକ୍ଷା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କହେଁଇପାଳ ଗ୍ରାମବାସୀଙ୍କ ଅନୁରୋଧ ରକ୍ଷା କରି ମଣ୍ଡପ ଉଦଘାଟନ ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଏ ଅବସରରେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଜିରାଳ ସଭାପତି ଅଭୟ ନାୟକ, ଜୟନ୍ତ ନାୟକ, ବିଦ୍ୟାଧର ସ୍ୱାଇଁ, ବିନୟ ପଟ୍ଟନାୟକ, ପୀତାମ୍ବର ମିଶ୍ର, ଦୟଣାବିଲ ସରପଞ୍ଚ ଦିଲ୍ଲୀପ ସାହୁ, ପ୍ରେମାନନ୍ଦ ଶତପଥୀ, କଳ୍ପତରୁ ଜେନା, ନିତ୍ୟାନନ୍ଦ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ଡିଜିଟାଲ ଯୁଗରେ ହଜିଗଲାଣି ଚିଠିର ମହକ, ହାରିଯାଇଛି ଡାକବାକ୍ସ

# ୫୦ ବର୍ଷ ଧରି ଭଡ଼ା ଘରେ ଚାଲିଛି ଭୁବନ ଡାକଘର

ଭୁବନ, ୧୭।୫(ସମିସ)

ସମ୍ପର୍କ ଯୋଡିବାର ମାଧ୍ୟମ ହେଉଛି ଚିଠି ପୋଷ୍ଟମ୍ୟାନ। ଡାକବାକ୍ସ, ଡାକଘର ଦିନେ ଅତି ଚଳଚଞ୍ଚଳ ଥିଲା। ଚିଠି କେଉଁଠୁ ଆସିଛି, କିଏ ଦେଇଛି, କ'ଣ ଲେଖା ହୋଇଛି ଇତ୍ୟାଦି ଜାଣିବା ପାଇଁ ମନରେ ଅପୂର୍ବ ପୁଲକିତ ଖେଳିଯାଉଥିଲା। ଉତ୍କଣ୍ଠା, ଆବେଗ, ବିରହ ଓ ମିଳନର ବାସ୍ନାରେ କେତେ କ'ଣ ସେଥିରେ ଭରି ରହୁଥିଲା। ଏବେ ଚିଠିର ମହକ ହଜିଯାଇଥିବାବେଳେ ଯୁଗ ସହ ତାଳ ଦେଇ ନ ପାରି ହାରିଯାଇଛି ଡାକବାକ୍ସ। ତା'ର ଜାଗା ନେଇଛି ଡିଜିଟାଲ ମାଧ୍ୟମ। ପୂର୍ବରୁ ଭାବ ଆଦାନପ୍ରଦାନର ମାଧ୍ୟମ ସାଜିଥିବା ଡାକବାକ୍ସରେ ଏବେ କାଁ ଭାଁ ପଡୁଛି ଚିଠି। ଦିନେ ଦିନେ ଗୋଟିଏ ବି ଚିଠି ବାକ୍ସରୁ ବାହାରୁନାହିଁ। ବ୍ୟବହାର ଅଭାବରୁ ଡାକବାକ୍ସ ଭଙ୍ଗା ଦଦରା ଅବସ୍ଥାରେ




ପଡ଼ିଥିବାବେଳେ ଏହାର ମରାମତି ମଧ୍ୟ କରୁନି ବିଭାଗ। ଆଗରୁ ଚିଠି ସମେତ ମନି ଅର୍ଡର, ସରକାରୀ ଓ ବେସରକାରୀ କାଗଜପତ୍ର ପ୍ରେରଣ ଲାଗି ଡାକଘର ଉପରେ ନିର୍ଭର କରୁଥିଲେ ଲୋକେ। ମୋବାଇଲ ସେବା ଉପଲବ୍ଧ ହେବା ପରେ ଧୀରେ ଧୀରେ ଡାକଘର ଓ ଡାକ ବାକ୍ସର ଗୁରୁତ୍ୱ କମିବାରେ ଲାଗିଲା। ଚିଠିର କାମ ଏବେ ଇଣ୍ଟରନେଟ ମାଧ୍ୟମରେ ମୋବାଇଲରେ ହେଉଥିବାରୁ ଆଉ ହାତରେ କେହି ଚିଠି ଲେଖୁ ନାହାନ୍ତି କି ମନି ଅର୍ଡର ପାଇଁ ଡାକ ଘରକୁ ଯାଉନାହାନ୍ତି। ଦେଶ ବିଦେଶରେ ଥିବା ଲୋକଙ୍କୁ ନିକଟତର କରିଛି ଇଣ୍ଟରନେଟ୍, ମୋବାଇଲ ଓ ଇମେଲ୍ କ୍ଷଣକରେ କଥାବାର୍ତ୍ତା ସହ ଭାବର ଆଦାନ ପ୍ରଦାନ ହୋଇପାରୁଛି।

ଭୁବନ ସହରରେ ବିଭିନ୍ନ ସ୍ଥାନରେ ଥିବା ଡାକବାକ୍ସ ନଷ୍ଟ ହୋଇଗଲାଣି। ସରକାରୀ ଚିଠିପତ୍ରକୁ ଛାଡ଼ିଦେଲେ ଅନ୍ୟକୌଣସି କାମରେ ଆସୁନାହିଁ। କାଳକ୍ରମେ ତାହା କମି ଦିନକୁ ୨୦୦ରୁ ୩୦୦ ମଧ୍ୟରେ ସୀମିତ ରହୁଛି। ସେଥିରେ ସରକାରୀ ଓ ବ୍ୟାଙ୍କ ଚିଠି ସଂଖ୍ୟା ଅଧିକ ରହୁଛି। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳରେ ଦୀର୍ଘ ବର୍ଷ ଧରି ଚିଠି ବାଣ୍ଟୁଥିବା ଜଣେ ବରିଷ୍ଠ ପୋଷ୍ଟମ୍ୟାନ୍ କୃଷ୍ଣ ଚନ୍ଦ୍ର ମଣ୍ଡଳ କୁହନ୍ତି ଆଗରୁ ବାକ୍ସ ଖୋଲିଲେ ଶହ ଶହ ଚିଠି ମିଳୁଥିଲା। ଘରକୁ ଘର ଯାଇ ଚିଠି ଦେଲା ବେଳେ ଲୋକଙ୍କ ଆଖିରେ ଯେଉଁ ଖୁସି ଦେଖିବାକୁ ମିଳୁଥିଲା, ତାହା ଆଉ ଏବେ ନାହିଁ। ଏବେ ବାକ୍ସ ଖୋଲିଲେ କେବଳ ସରକାରୀ ନୋଟିସ୍, ବ୍ୟାଙ୍କ କାଗଜପତ୍ର କିମ୍ବା କୋର୍ଟ ଚିଠି ବାହାରୁଛି। ଲୋକଙ୍କ ସମ୍ପର୍କ ଏବେ ମୋବାଇଲ୍ ଭିତରେ ବନ୍ଦୀ ହୋଇଯାଇଛି। ତଥ୍ୟ ଅନୁସାରେ, ପୂର୍ବରୁ ଚିଠି ଆଦାନପ୍ରଦାନର ଯେଉଁ ପରିମାଣ ଥିଲା, ତାହା ଏବେ ୮୦ ପ୍ରତିଶତରୁ ଅଧିକ ହ୍ରାସ ପାଇଛି। କେବଳ ସରକାରୀ ଅଫିସ୍ କିମ୍ବା ଜରୁରୀ ସେବାକୁ ଛାଡ଼ିଦେଲେ ସାଧାରଣ ଲୋକ ଚିଠି ଲେଖିବା ଭୁଲିଗଲେଣି ଯଦିଓ ଡାକ ବିଭାଗ ପକ୍ଷରୁ ସ୍ପିଡ୍ ପୋଷ୍ଟ ଏବଂ ପାର୍ସଲ ସେବା ଜାରି ରହିଛି, କିନ୍ତୁ ସେହି ପୁରୁଣା ଶୈଳୀର ଡାକବାକ୍ସ ଆବେଗ ହରା ହୋଇସାରିଛି। ଭୁବନର ଡାକଘର ଟି ଦୀର୍ଘ ୫୦ ବର୍ଷ ହେଲା ଭଡା ଘରେ ଚାଲିଛି। ଭୁବନ ତହସିଲ ପକ୍ଷରୁ ଭଦଳିଆ ପଶି ଖାତା ନମ୍ବର ୪୩୬ ପ୍ଲଟ ନମ୍ବର ୨୮୧୧ କୁ ଡାକଘର ପାଇଁ ସଂରକ୍ଷିତ ହୋଇରହିଛି। ହେଲେ ଏହା କେବେ ହେବ ପ୍ରଶ୍ନରେ ରହିଯାଇଛି।

